ଅନୁକୁଳ ଚନ୍ଦ୍ର ପ୍ରଧାନ

ବନାମ

ଭାରତ ସଂଘ ଏବଂ ଅନ୍ୟମାନେ

ଅକ୍ଟୋବର 7,1996

[ଜେ.ଏସ୍. ବର୍ମା ଏବଂ ବି.ଏନ୍. କିରପାଲ୍, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତର ସମ୍ବିଧାନ 1950:*

*ଅନୁଛେଦ 21 ଏବଂ 32ଗୁଡ଼ିକ -ସରକାରୀ କର୍ମଚାରୀମାନଙ୍କ ବିରୋଧରେ ସି.ବି.ଆଇ. ତଦନ୍ତ-ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ହୋଇଥିବା ଅଭିଯୋଗର ତଦନ୍ତ ପାଇଁ ଏହି ନ୍ୟାୟାଳୟଙ୍କ ନିର୍ଦ୍ଦେଶାବଳୀ - ତିନୋଟି ମାମଲାରେ ସି. ବି. ଆଇ. ଦ୍ୱାରା ଦାଖଲ ହୋଇଥିବା ଦୋଷାରୋପ ଫର୍ଦ୍ଦଗୁଡ଼ିକ-ଦର୍ଶାଯାଇଛି, ଏହି ତଥ୍ୟର ଦୃଷ୍ଟେ ଯେ, ସକ୍ଷମ ନ୍ୟାୟାଳୟରେ ମାମଲାର ଦୋଷାରୋପ ଫର୍ଦ୍ଦଗୁଡ଼ିକ ଦାଖଲ କରାଯାଇଛି, ଏହା ହେଉଛି ସେହି ନ୍ୟାୟାଳୟ ଯାହା ବର୍ତ୍ତମାନ ଗୁଣବତ୍ତା ଉପରେ ମାମଲାର ବିଚାର କରିବ - ଅଧିକ ତଦନ୍ତ ଇତ୍ୟାଦି ପାଇଁ ଆବଶ୍ୟକ ବୋଲି ବିବେଚନା କରାଯାଉଥିବା କୌଣସି ନିର୍ଦ୍ଦେଶାବଳୀ ଇତ୍ୟାଦି ସମ୍ପୃକ୍ତ ନ୍ୟାୟାଳୟ ପରିସର ମଧ୍ୟରେ ରହିଛି - ଏହି କାର୍ଯ୍ୟାନୁଷ୍ଠାନର ଉଦ୍ଦେଶ୍ୟ ହେଉଛି ଅପରାଧିକ କାର୍ଯ୍ୟରେ ଅଭିଯୋଗର ଉପଯୁକ୍ତ ତଦନ୍ତ କରିବା ପାଇଁ ଆଇନ ଅନୁଯାୟୀ କର୍ତ୍ତବ୍ୟ ପାଳନ କରିବା ଏବଂ ଯଦି ଏକ ପ୍ରଥମ ଦୃଷ୍ଟିଗତ ମାମଲା ପ୍ରସ୍ତୁତ ହୁଏ ତେବେ ସକ୍ଷମ ନ୍ୟାୟାଳୟରେ ଦୋଷାରୋପ ଫର୍ଦ୍ଦ ଦାଖଲ କରିବା - ଏହି ଉଦ୍ଦେଶ୍ୟ ତିନୋଟି ମାମଲାରେ କାର୍ଯ୍ୟକାରୀ ହୋଇଛି - ଏହି କାର୍ଯ୍ୟାନୁଷ୍ଠାନଟି ସମାପ୍ତ ହୋଇଛି, ଯେପର୍ଯ୍ୟନ୍ତ ଏହା ଉକ୍ତ ତିନୋଟି ଅପରାଧିକ ମାମଲା ସହିତ ଜଡ଼ିତ - ଅବଶିଷ୍ଟ ଅଂଶ ପାଇଁ ଏହା ଆଇନ ଦ୍ୱାରା ନିର୍ଦ୍ଧାରିତ ଶେଷ ସିଦ୍ଧାନ୍ତ ହାସଲ ନହେବା ପର୍ଯ୍ୟନ୍ତ ଜାରି ରହିବ - ଅଭିଯୁକ୍ତଙ୍କ କୌଣସି କାଳକ୍ଷେପଣ କୌଶଳ ଦ୍ୱାରା ପ୍ରତିରୋଧିତ ନହେଲେ, ସାଧାରଣ ଲୋକଙ୍କୁ ନେଇ ହେଉଥିବା ଏହି ପ୍ରକାରର ସମସ୍ତ ବିଚାରକୁ, ବିଚାର ଆରମ୍ଭ ହେବାର ତିନି ମାସ ମଧ୍ୟରେ ଅତି ଶୀଘ୍ର ଶେଷ କରାଯିବା ଉଚିତ ।*

ବିନୀତ ନାରାୟଣ ଏବଂ ଅନ୍ୟମାନେ ବନାମ ଭାରତ ସଂଘ ଏବଂ ଅନ୍ୟମାନେ, [1996] 2 SCC 199, ଉଲ୍ଲେଖ କରାଯାଇଛି ।

ମୂଳ ଦେୱାନୀ ଅଧିକାରିତା:ରିଟ୍ ଆବେଦନ (ସି) ସଂଖ୍ୟା 640/1995 ।

(ଭାରତୀୟ ସମ୍ବିଧାନର ଅନୁଛେଦ 32 ଅନୁଯାୟୀ)

**ଏ.ସି.ପ୍ରଧାନ ବନାମ ୟୁ.ଓ.ଆଇ**

ଆବେଦନକାରୀଙ୍କ ତରଫରୁ ଅନିଲ ବି. ଦିୱାନ (ଏସି), ମୁକୁଲ ମୁଦଗଲ (ଏସି), (ଅନୁକୁଳ ଚନ୍ଦ୍ର ପ୍ରଧାନ) (ବ୍ୟକ୍ତିଗତ ଭାବେ), ଏ. କେ. ସାହୁ ଏବଂ ଆର୍. ଏସ୍. ସୋଧି ।

ଉତ୍ତରଦାତାମାନଙ୍କ ପାଇଁ ଅଶୋକ ଦେଶାଇ, ମହା ନ୍ୟାୟବାଦୀ, ଟି. ଆର୍. ଅନ୍ଧାରୁଜିନା, ମହା ନ୍ୟାୟାଭିକର୍ତ୍ତା, ଡ. ଏ. ଏମ୍. ସିଂଭି, (ସୁଶୀଲ କେ. ଜୈନ), (ଏନ. ପି.), ପି. ପରମେଶ୍ୱରନ, ପଲ୍ଲବ ସିସୋଦିଆ ଏବଂ ବି. କେ. ପ୍ରସାଦ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଏହି କାର୍ଯ୍ୟାନୁଷ୍ଠାନର ପ୍ରକୃତି ଡବ୍ଲ୍ୟୁ. ପି.(ସି ଆର୍ ଏଲ୍ ) ସଂଖ୍ୟା 340-343/1993, *ବିନୀତ ନାରାୟଣ ଏବଂ ଅନ୍ୟମାନେ ବନାମ ଭାରତ ସଂଘ ଅନ୍ୟମାନେ,ର ସଦୃଶ ଅଟେ, ଏହା ପ୍ରାରମ୍ଭରେ ସ୍ପଷ୍ଟ* କରାଯାଇଥିଲା ଏବଂ ଏହି କାର୍ଯ୍ୟାନୁଷ୍ଠାନରେ ସମୟ ସମୟକୁ ରାଜସ୍ୱ ସଚିବ, ସିବିଆଇର ନିର୍ଦ୍ଦେଶକ ଏବଂ ଅନ୍ୟ ସରକାରୀ ଅଧିକାରୀମାନଙ୍କୁ ଦୋହରାଯାଇଥିଲା ଯେ, ଡବ୍ଲ୍ୟୁ. ପି.(ସି ଆର୍ ଏଲ୍ ) ସଂଖ୍ୟା 340-343/1993ରେ ଦିଆଯାଇଥିବା ନିର୍ଦ୍ଦେଶ ସମସ୍ତ ଅଧିକାରୀଙ୍କ କାର୍ଯ୍ୟ ପ୍ରଣାଳୀ ସମ୍ବନ୍ଧରେ ବର୍ତ୍ତମାନର ମାମଲାରେ ମଧ୍ୟ ସମାନ ଭାବରେ ପ୍ରଯୁଜ୍ୟ ହେବ । ଏହିପରି ଭାବରେ, ବର୍ତ୍ତମାନର ମାମଲାରେ ମଧ୍ୟ ସମସ୍ତ ଅଧିକାରୀଙ୍କ କାର୍ଯ୍ୟ କରିବାର ମାଧ୍ୟମ ହେବ ବୋଲି, ବିଜ୍ଞ ମହା ନ୍ୟାୟବାଦୀଙ୍କ ଦ୍ୱାରା ଆମକୁ ଆଶ୍ୱାସନା ଦିଆଯାଇଛି । ଏହା କହିବା ଅନାବଶ୍ୟକ ଯେ, ସେମାନଙ୍କ ଦ୍ୱାରା ଏହି ଆଚରଣ ଜାରି ରଖିବାକୁ ପଡ଼ିବ ।

ପ୍ରସ୍ତୁତ ସନ୍ଦର୍ଭ ପାଇଁ, ଏହିପରି ଏକ ବିଶେଷ ଗୁରୁତ୍ୱପୂର୍ଣ୍ଣ ଆଦେଶର ଏକ ଉଦ୍ଧୃତାଂଶ, ଏଠାରେ ଗୁରୁତ୍ୱ ଦେବା ପାଇଁ ଉଦ୍ଧୃତ ହୋଇଛି । ଏହି ଆଦେଶ ତା 30-1-1996ରିଖର ଅଟେ, [1996] 2 SCC 199 ରେ ପ୍ରକାଶ୍ୟ, ଯେଉଁଥିରେ ଏହା କୁହାଯାଇଥିଲା:

> "3. ବର୍ତ୍ତମାନର ମାମଲାର ତଥ୍ୟ ଏବଂ ପରିସ୍ଥିତି ସୂଚାଏ ଯେ, ଏହା ଅତ୍ୟନ୍ତ ସାର୍ବଜନିକ ଗୁରୁତ୍ୱପୂର୍ଣ୍ଣ ଅଟେ ଯେ, ଏହା ସୁନିଶ୍ଚିତ କରିବା ପାଇଁ ନ୍ୟାୟାଳୟଙ୍କ ଦ୍ୱାରା ଏହି ମାମଲାର ସମ୍ପୂର୍ଣ୍ଣ ଭାବରେ ଯାଞ୍ଚ କରାଯିବ ଯେ, ସମସ୍ତ ସରକାରୀ ସଂସ୍ଥା, ଆଇନ ଅନୁଯାୟୀ ସେମାନଙ୍କର କାର୍ଯ୍ୟ ଏବଂ ନ୍ୟସ୍ତ ଦାୟିତ୍ୱର  କର୍ତ୍ତବ୍ୟ ପାଳନ କରିବାରେ, ସମ୍ବିଧାନରେ ଅନ୍ତର୍ଭୁକ୍ତ ସମାନତାର ଧାରଣା ଏବଂ ଆଇନର ନିୟମର ମୌଳିକ ସିଦ୍ଧାନ୍ତକୁ ସର୍ବଦା ମନେ ରଖି କାର୍ଯ୍ୟ କରିବେ:"ଆପଣ ଯେତେ ଉଚ୍ଚରେ ଥାଆନ୍ତୁ ନା କାହିଁକି, ଆଇନ ଆପଣଙ୍କ ଉପରେ ରହିଛି ।" ପ୍ରତ୍ୟେକ ବ୍ୟକ୍ତିଙ୍କ ବିରୋଧରେ ଯୁକ୍ତିଯୁକ୍ତ ଆଧାରରେ କରାଯାଇଥିବା ପ୍ରତ୍ୟେକ ଅଭିଯୋଗର ତଦନ୍ତ, ସେହି ବ୍ୟକ୍ତିଙ୍କ ସ୍ଥିତି ଏବଂ

ପଦମର୍ଯ୍ୟାଦା ନିର୍ବିଶେଷରେ, ପରିଚାଳିତ ହେବା ଉଚିତ ଏବଂ ଶୀଘ୍ର ସମାପ୍ତ ହେବା ଉଚିତ । ସରକାରୀ ସଂସ୍ଥାଗୁଡ଼ିକର ନିରପେକ୍ଷ କାର୍ଯ୍ୟ ଉପରେ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବା ପାଇଁ ଏହା ଅପରିହାର୍ଯ୍ୟ ।

4. ଏହି କାର୍ଯ୍ୟାନୁଷ୍ଠାନରେ ଆମେ ଅଭିଯୋଗର ଗୁଣବତ୍ତା କିମ୍ବା ସମ୍ପୃକ୍ତ ଥିବା ଅଭିଯୁକ୍ତ ବ୍ୟକ୍ତିମାନଙ୍କ ବିଷୟରେ ସମ୍ପୃକ୍ତ ନୋହୁଁ, ବରଂ କେବଳ ପ୍ରତ୍ୟେକ ବ୍ୟକ୍ତିଙ୍କ ବିରୋଧରେ ଏପରି ପ୍ରତ୍ୟେକ ଅଭିଯୋଗର ନିରପେକ୍ଷ, ସଠିକ ଏବଂ ସମ୍ପୂର୍ଣ୍ଣ ତଦନ୍ତ କରିବା ଏବଂ ଆଇନ ଅନୁଯାୟୀ ଯୁକ୍ତିଯୁକ୍ତ ଚୂଡ଼ାନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସରକାରୀ ସଂସ୍ଥାମାନଙ୍କ ଦ୍ୱାରା ଆଇନଗତ କର୍ତ୍ତବ୍ୟର କାର୍ଯ୍ୟକାରିତା ସହିତ ସମ୍ପୃକ୍ତ ଅଟୁ ।

5. ଯେଉଁ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଏକ ପ୍ରଥମ ଦୃଷ୍ଟିଗତ ମାମଲା ପ୍ରସ୍ତୁତ ହୋଇଛି ଏବଂ ସକ୍ଷମ ନ୍ୟାୟାଳୟରେ ଏକ ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଛି, ଏହା ସେହି ନ୍ୟାୟାଳୟ, ଯାହା ଆଇନ ଅନୁଯାୟୀ ଗୁଣବତ୍ତା ଉପରେ ସେହି ମାମଲାର ବିଚାର କରିବେ ।

(ଅନୁଚ୍ଛେଦ 3,4,5ଗୁଡ଼ିକ)

ଏହିପରି ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ, ଆମକୁ ଏହି ସୂଚନା ଦିଆଯାଇଛି ଯେ, ଦୁଇଟି ମାମଲାରେ ସି ବି ଆଇ ଏବଂ ଗୋଟିଏ ମାମଲାରେ ଦିଲ୍ଲୀ ପୋଲିସ ଦ୍ୱାରା ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଛି, ଯାହାର ସେମାନେ ତଦନ୍ତ କରୁଥିଲେ ।ଏହି ମାମଲାଗୁଡ଼ିକ ହେଉଛି:

( 1) ସେଣ୍ଟ କିଟ୍ସ ଜାଲିଆତି ମାମଲା ।

(ସିବିଆଇ ଦ୍ୱାରା ଦାଖଲ ହୋଇଥିବା ଦୋଷାରୋପ ଫର୍ଦ୍ଦ)

( 2) ଲଖୁଭାଇ ପାଠକ ଠକେଇ ମାମଲା ।

(ସିବିଆଇ ଦ୍ୱାରା ଦାଖଲ ହୋଇଥିବା ଦୋଷାରୋପ ଫର୍ଦ୍ଦ)

( 3) ରାଜେନ୍ଦ୍ର ଜୈନ ମାମଲା ।

(ଦିଲ୍ଲୀ ପୋଲିସ ଦ୍ୱାରା ଦାଖଲ ହୋଇଥିବା ଦୋଷାରୋପ ଫର୍ଦ୍ଦ)

ସକ୍ଷମ ନ୍ୟାୟାଳୟରେ ଉପରୋକ୍ତ ତିନୋଟି ମାମଲା ମଧ୍ୟରୁ ପ୍ରତ୍ୟେକଟିରେ ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 173 ଅନୁଯାୟୀ ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଥିବା ତଥ୍ୟକୁ ଦୃଷ୍ଟିରେ ରଖି,

ସେହି ନ୍ୟାୟାଳୟ ବର୍ତ୍ତମାନ ଆଇନ ଅନୁଯାୟୀ ଗୁଣବତ୍ତା ଆଧାରରେ ମାମଲାର ବିଚାର କରିବ । ଅଧିକ ତଦନ୍ତ ପାଇଁ ଆବଶ୍ୟକ ବୋଲି ବିବେଚନା କରାଯାଉଥିବା କୌଣସି ନିର୍ଦ୍ଦେଶାବଳୀ, ଯଦି କିଛି ଥାଏ, କିମ୍ବା ଅନ୍ୟ କୌଣସି ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଯିଏ ସେହି କାରବାରରେ କୌଣସି ଅପରାଧ ସୁପର୍ଦ୍ଦ କରିଥିବା ପରି ଜଣାପଡ଼େ, ଆଇନ ଦ୍ୱାରା ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ ସମ୍ପୃକ୍ତ ନ୍ୟାୟାଳୟ ପରିସର ମଧ୍ୟରେ ରହିଛି । ଏହି କାର୍ଯ୍ୟାନୁଷ୍ଠାନର ଉଦ୍ଦେଶ୍ୟ ହେଉଛି ଅପରାଧିକ କାର୍ଯ୍ୟରେ ଅଭିଯୋଗର ଉପଯୁକ୍ତ ତଦନ୍ତ କରିବା ପାଇଁ ଆଇନ ଅନୁଯାୟୀ କର୍ତ୍ତବ୍ୟ ପାଳନ କରିବା ଏବଂ ଯଦି ଏକ ପ୍ରଥମ ଦୃଷ୍ଟିଗତ ମାମଲା ପ୍ରସ୍ତୁତ ହୁଏ ତେବେ ସକ୍ଷମ ନ୍ୟାୟାଳୟରେ ଦୋଷାରୋପ ଫର୍ଦ୍ଦ ଦାଖଲ କରିବା । ଉପରୋକ୍ତ ତିନୋଟି ମାମଲାରେ ଏହି ଉଦ୍ଦେଶ୍ୟ ପୂରଣ ହୋଇଛି, ଯାହା ବିଷୟରେ ଏହି କାର୍ଯ୍ୟାନୁଷ୍ଠାନରେ ଆଉ କୌଣସି କ୍ରିୟାର ଆବଶ୍ୟକତା ନାହିଁ ।

ତଦନୁସାରେ, ଏହି କାର୍ଯ୍ୟାନୁଷ୍ଠାନ ସମାପ୍ତ ହୋଇଛି, ଯେହେତୁ ଏହା ଉପରୋକ୍ତ ତିନୋଟି ଅପରାଧିକ ମାମଲା ସହିତ ଜଡ଼ିତ । ଅବଶିଷ୍ଟ ଅଂଶ ପାଇଁ, ଆଇନ ଦ୍ୱାରା ନିର୍ଦ୍ଧାରିତ ଅନ୍ତିମ ଫଳାଫଳ ହାସଲ ନହେବା ପର୍ଯ୍ୟନ୍ତ ଏହା ଜାରି ରହିବ । ଯେଉଁ ସମ୍ପୃକ୍ତ ନ୍ୟାୟାଳୟରେ ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଛି, ତାଙ୍କୁ ଏହି ନ୍ୟାୟାଳୟରେ ବିଚାରାଧୀନ ଥିବା ସମାନ ମାମଲା ସମ୍ବନ୍ଧରେ କୌଣସି ସମାନ୍ତରାଳ କାର୍ଯ୍ୟାନୁଷ୍ଠାନ ଅଛି ବୋଲି ସାମାନ୍ୟତମ ଧାରଣା ବିନା ସମ୍ପୂର୍ଣ୍ଣ ଆଇନ ଅନୁଯାୟୀ ଆଗକୁ ବଢ଼ିବାକୁ ପଡ଼ିବ ।

ଆମେ ଏହା ମଧ୍ୟ ପର୍ଯ୍ୟବେକ୍ଷଣ କରିପାରିବା ଯେ, ଉପରୋକ୍ତ ବିଷୟଗୁଡ଼ିକ ଉପରେ ବିଚାର କରୁଥିବା ସମ୍ପୃକ୍ତ ନ୍ୟାୟାଳୟକୁ ଧ୍ୟାନ ଦେବାକୁ ହେବ ଯେ, ନ୍ୟାୟିକ ପ୍ରକ୍ରିୟାର ନ୍ୟାୟ ଏବଂ ବିଶ୍ୱସନୀୟତାର ଉଦ୍ଦେଶ୍ୟ ପାଇଁ ବିଚାରରେ ସର୍ବାଧିକ ତତ୍ପରତା ଏବଂ ଏହାର ଶୀଘ୍ର ଉପସଂହାର ଆବଶ୍ୟକ ଅଟେ । ଅଭିଯୁକ୍ତଙ୍କ କୌଣସି କାଳକ୍ଷେପ କୌଶଳ ଦ୍ୱାରା ବାରଣ ନକରାଗଲେ, ସର୍ବସାଧାରଣଙ୍କଙ୍କ ସହିତ ଜଡ଼ିତ ଏହି ପ୍ରକାରର ସମସ୍ତ ବିଚାର ଅତି ଶୀଘ୍ର, ବିଶେଷ କରି ବିଚାର ଆରମ୍ଭ ହେବାର ତିନି ମାସ ମଧ୍ୟରେ ସମାପ୍ତ ହେବା ଉଚିତ । ଏହା ଅନୁଚ୍ଛେଦ 21ରେ ନିହିତ ଥିବା ତ୍ୱରିତ ବିଚାରର ମଧ୍ୟ ଆବଶ୍ୟକତା ଅଟେ ।

ସତର୍କତାର ଏକ ଟିପ୍ପଣୀ ଉପଯୁକ୍ତ ହୋଇପାରେ । ବିଚାର ଶେଷରେ ଦୋଷୀ ସାବ୍ୟସ୍ତ ନହେବା ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ନିର୍ଦ୍ଦୋଷତାର ଅନୁମାନ ସମେତ ଆଇନ ଶାସ୍ତ୍ରର ମୌଳିକ ନୀତି ଏବଂ ନିରପେକ୍ଷ ବିଚାରର ମୂଳ ନୀତିଗୁଡ଼ିକ ଉପରେ ଗୁରୁତ୍ୱକୁ ହ୍ରାସ କରିବା ପାଇଁ, ଏହି ବିଷୟଗୁଡ଼ିକ ସହିତ ଜଡ଼ିତ ପ୍ରଚାରର କୌଣସି ପରିସ୍ଥିତି ସୃଷ୍ଟି କରିବା ଉଚିତ ନୁହେଁ । ଏହି ଆବଶ୍ୟକତା, ନିଃସନ୍ଦେହରେ ସମଗ୍ର ବିଚାର ସମୟରେ ଧ୍ୟାନରେ ରଖିବାକୁ ପଡ଼ିବ । ଏହା ଦୋହରାଯାଇଛି ଯେ, ଏଠାରେ ବିଚାରାଧୀନ କାର୍ଯ୍ୟାନୁଷ୍ଠାନ

ଉଦ୍ଦେଶ୍ୟରେ, ଏହି ନ୍ୟାୟାଳୟଙ୍କ ଦ୍ୱାରା କରାଯାଇଥିବା କୌଣସି ପର୍ଯ୍ୟବେକ୍ଷଣ, ଅଭିଯୋଗର ଗୁଣବତ୍ତା ଉପରେ କୌଣସି ପ୍ରଭାବ ପକାଏ ନାହିଁ, ଏବଂ କୌଣସି ପ୍ରକାରେ ବିଚାରକୁ ପ୍ରଭାବିତ କରେ ନାହିଁ । ନ୍ୟାୟିକ ପ୍ରକ୍ରିୟାର ବିଶ୍ୱସନୀୟତା ଯେପରି କୌଣସି ପ୍ରକାରେ ହ୍ରାସ ନହୁଏ ତାହା ସୁନିଶ୍ଚିତ କରିବା ପାଇଁ ଧ୍ୟାନ ଦିଆଯିବା ଆବଶ୍ୟକ ।

କେବଳ ଅସମ୍ପୂର୍ଣ୍ଣ ଥିବା ଅବଶିଷ୍ଟ ବିଷୟ ସମ୍ବନ୍ଧରେ ଏହି କାର୍ଯ୍ୟାନୁଷ୍ଠାନ ଜାରି ରହିବ ।

ଉପରୋକ୍ତ ତିନୋଟି ମାମଲା ମଧ୍ୟରୁ ପ୍ରତ୍ୟେକଟିରେ ଏହି ଆଦେଶର ଏକ ନକଲ ସମ୍ପୃକ୍ତ ନ୍ୟାୟାଳୟକୁ ପଠାଯିବ ।

ଆର୍.ପି. ଆବେଦନର ପରିସମାପ୍ତି ହୋଇଛି ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ :

ଶ୍ରୀ ଦୀପକ କୁମାର ସାହୁ,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ